## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ସ୍ଥାନ ଗାନ୍ଧୀ ସ୍ମୃତି ଭବନ : ସମୟ - ପୂର୍ବାହ୍ନ ୯ଟା।
- ଜାତୀୟ ରକ୍ତଦାତା ଦିବସ, ସ୍ଥାନ - ଶିଳ୍ପାଞ୍ଚଳ ଛକ : ସମୟ - ପୂର୍ବାହ୍ନ ୧୦ଟା।
- ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ - ଅମୃତଧାରା ବୃଦ୍ଧାଶ୍ରମ, ଚାନ୍ଦମାରି ପଡ଼ିଆ: ସମୟ - ଅପରାହ୍ନ ୩ଟା ୩୦।
- ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶାରଦୀୟ ଶିବିର, ସ୍ଥାନ - ଫାଣ୍ଡି ଛକ: ସମୟ - ଅପରାହ୍ନ ୪ଟା।
- ଡା. ହରିଶ୍ଚନ୍ଦ୍ରଙ୍କ ସମ୍ପାଦକୀୟ ଅକ୍ଷାଂଶର ଉନ୍ମୋଚନ, ସ୍ଥାନ - ଶାନ୍ତିକାନନ : ସମୟ - ଅପରାହ୍ନ ୪ଟା।
- ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ଶାରଦୀୟ ସାରସ୍ୱତ ସମାରୋହ-୨୦୨୨, ସ୍ଥାନ - ହୋଟେଲ ଫାଣ୍ଟାସି ସଭାଗୃହ, ମିଶନ ପଡ଼ିଆ ସାମ୍ନା : ସମୟ - ଅପରାହ୍ନ ୫ଟା।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ। ସ୍ଥାନ-ସିମୁଳିଆ(ବାଲିଖଣ୍ଡ), ସମୟ: ପୂର୍ବାହ୍ନ ୯ଟା।

**ଭଦ୍ରକ**
- ମୁଫତା-ଏ-ଆଜମ୍ ଓଡ଼ିଶା ସୈୟଦ ଅବଦୁଲ କୁଦ୍ଦୁସଙ୍କ ୨୮ତମ ବାର୍ଷିକ ଉର୍ସ ଉତ୍ସବ, ସ୍ଥାନ: ମିର୍ଜାପୁରସ୍ଥିତ ଖାନ୍‌କାହେ ହବିବିୟା କୁଦ୍ଦୁସିଆ, ସମୟ: ସନ୍ଧ୍ୟା ୬ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଜିଲା ହାଇସ୍କୁଲ, ସମୟ: ସକାଳ ୮ଟା।

**ମୟୂରଭଞ୍ଜ**
- ବରିଷ୍ଠ ନାଗରିକଙ୍କ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ- ଏମ୍‌କେସି ହାଇସ୍କୁଲ(ବାରିପଦା): ସମୟ ପୂର୍ବାହ୍ନ ୯ଟା।
- ଓଡ଼ିଶା ଉଠା ଜଳସେଚନ ନିଗମ ପକ୍ଷରୁ ୫୦ତମ ପ୍ରତିଷ୍ଠା ଦିବସ ପାଳନ,ସ୍ଥାନ- ନିର୍ବାହୀ ଯନ୍ତ୍ରୀ ମୟୂରଭଞ୍ଜ ଉଠା ଜଳସେଚନ ବିଭାଜନ କାର୍ଯ୍ୟାଳୟ (ବାରିପଦା): ସମୟ- ପୂର୍ବାହ୍ନ ୧୦ଟା।

# ରୁପା ମୁକୁଟରେ ଝଲସିବେ ମା'

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୩୦।୯

କେନ୍ଦୁଝର ସହର ଡେଲି ମାର୍କେଟ ରାସ ପଡ଼ିଆ ସ୍ଥିତ ଶ୍ରୀଶ୍ରୀ ଦୁର୍ଗାଦେବୀ ପୀଠରେ ଦୁର୍ଗାପୂଜା କମିଟି ପକ୍ଷରୁ ଭାଇଚାରାର ଉତ୍ସବ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ସରିଛି। ୧୯୬୪ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ୫୮ ବର୍ଷରେ ପଦାର୍ପଣ କରିଛି। ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସ୍ଥାନୀୟ ବଣିକ ସଂଘ ତଥା ଅନ୍ୟାନ୍ୟ ପୂଜା କମିଟି ସହଯୋଗରେ ଦୁର୍ଗାପୂଜା କମିଟି ପକ୍ଷରୁ ଉଦ୍ୟମ କରାଯାଉଛି । ଶନିବାରଠାରୁ ଷଷ୍ଠୀ ପୂଜା ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷ ମା'ଙ୍କ ସମେତ ପାର୍ଶ୍ୱ ଦେବଦେବୀ ରୁପା ମୁକୁଟରେ ଝଲସିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ପ୍ରକାରେ ଶନିବାର ତପୋ ଷଷ୍ଠୀ ପୂଜା ଆରମ୍ଭ ହୋଇ ମହାସପ୍ତମୀରେ ଦେବଶାସ୍ତ୍ର ପୂଜା, ଚଣ୍ଡୀପାଠ ଓ ହୋମ ଅନୁଷ୍ଠିତ ହେବ। ସେହିପରି ମହାଷ୍ଟମୀ ଦିନରେ ସନ୍ଧିପୂଜା, ବ୍ରତ ପୂଜା ଓ ଦୀପଦାନ ଅନୁଷ୍ଠିତ ହେବାକୁ ଥିବା ବେଳେ ମହାନବମୀରେ ଅନ୍ନପୂର୍ଣ୍ଣା ବେଶ ଧାରଣ ଏବଂ ବିଜୟା ଦଶମୀ ଦିନ ଅପରାଜିତା ପୂଜା, ଘଟ ବିସର୍ଜନ ଅନୁଷ୍ଠିତ ହେବ। ଦଶହରା ପରଦିନ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଦୈନିକ ଭୋଗ ବଣ୍ଟନ ସାଙ୍ଗକୁ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି କମିଟି ତରଫରୁ କୁହାଯାଇଛି। ଏଠାରେ ଦେବୀ ଲଡୁ ଭୋଗ ଓ ଅନ୍ନପୂର୍ଣ୍ଣା ବିତରଣ ବ୍ୟବସ୍ଥା ନିଆରା ବୋଲି ଯୁଗ୍ମ ସମ୍ପାଦକ ଅରବିନ୍ଦ ରାମ କହିଛନ୍ତି। ଭଦ୍ରକରୁ ମୂର୍ତ୍ତିକାର ଓ କଟକରୁ ମେଢ଼ ସାଜସଜ୍ଜା ପାଇଁ କାରିଗର ଲାଗିଛନ୍ତି। ମୂର୍ତ୍ତି ଗଢ଼ାକାମ ସରିଥିବା ବେଳେ ମେଢ଼ ସାଜସଜ୍ଜା, ତୋରଣ ଆଦି ନିର୍ମାଣ ଶେଷ ପର୍ଯ୍ୟାୟରେ। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟିର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଛି ବୋଲି ସଭାପତି କୈଳାସ ପଣ୍ଡା କହିଛନ୍ତି।



**୫୮ ବର୍ଷରେ ଡେଲି ମାର୍କେଟ ଦୁର୍ଗାପୂଜା**

**ଅନ୍ନପୂର୍ଣ୍ଣା ବିତରଣ ବ୍ୟବସ୍ଥା ନିଆରା**

# ଅନ୍ଧବିଶ୍ୱାସ, ଗୁଣିଗାରେଡ଼ିକୁ ନେଇ ହତ୍ୟା



ଗିରଫ ଅଭିଯୁକ୍ତମାନେ।

**ସୁବର୍ଣ୍ଣରେଖା କେନାଲରୁ ଅଖାବସ୍ତାରୁ ମୃତଦେହ ମିଳିବା ଘଟଣା**

**୭ ଅଭିଯୁକ୍ତ ଗିରଫ**

ବାରିପଦା ଅଫିସ,୩୦।୯

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳର ସୁବର୍ଣ୍ଣରେଖା ମୁଖ୍ୟ କେନାଲରୁ ଏକ ଅଖା ବସ୍ତାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିବା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କୋଠାବିଲା ଗ୍ରାମର ଶଙ୍ଖ ମୁର୍ମୁ(୪୫), ଟିବୁ ଟୁଡୁ(୪୦), କୁନା ମୁର୍ମୁ(୩୦), ଘନ ମୁର୍ମୁ(୪୦), ବୃନ୍ଦାବନ ସୋରେନ(୪୫), ରଞ୍ଜନ ମୁର୍ମୁ(୬୦) ଓ ବସଲା ସୋରେନ(୪୫)। ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ଶୁକ୍ରବାର ବାରିପଦା ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଥାନା ଅଧୀନ ନୋଧବଣି ଗ୍ରାମ ନିକଟସ୍ଥ ସୁବର୍ଣ୍ଣରେଖା ମୁଖ୍ୟ କେନାଲରେ ଏକ ଧଳା ରଙ୍ଗର ମୁହଁ ବନ୍ଦ ଅଖା ଦୁଇ ତିନିଦିନ ଧରି ଭାସିବା ପରେ ଦୁର୍ଗନ୍ଧ ବାହାରୁଥିବା ଦେଖି ଗତ ୨୧ ତାରିଖରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଅଖାବୁରାକୁ ଆଣି ଖୋଲିବା ପରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୨୭ ତାରିଖରେ ମୃତକଙ୍କ ପରିବାର ଲୋକେ ଥାନାରେ ପହଞ୍ଚି ନିଖୋଜ ଅଭିଯୋଗ କରିବା ପରେ କଥାବିଲା ଗ୍ରାମର ପାଣ୍ଡୁ ମୁଣ୍ଡା ବୋଲି ପୋଲିସ ଜାଣିବାକୁ ପାଇଥିଲା। ଘଟଣା ଦିନ ପାଣ୍ଡୁ ନିକଟସ୍ଥ ଗ୍ରାମରୁ ଫୁଟ୍‌ବଲ ଖେଳ ଦେଖି ଫେରୁଥିବା ସମୟରେ ଅଭିଯୁକ୍ତମାନେ ମିଳିତ ଭାବେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ବେକରେ ପଡ଼ିଥିବା ଏକ ଗାମୁଛାରେ ତାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ଅଖାବୁରାରେ ଭର୍ତ୍ତି କରି କେନାଲକୁ ଫିଙ୍ଗି ଦେଇଥିଲେ। ଗ୍ରାମରେ ଝଡ଼ାଫୁଙ୍କା କରୁଥିବା ପାଣ୍ଡୁ ଉପରେ ଅବିଶ୍ୱାସ ଘେରିଯାଇଥିଲା। ଗ୍ରାମରେ ଏକ ପୂଜାପାଠ କରିବା ପାଇଁ ସମସ୍ତେ ଏକଜୁଟ ହୋଇ ପାଣ୍ଡୁକୁ ଡାକିଥିଲେ। ପାଣ୍ଡୁ ସେଠାକୁ ନ ଯାଇ ଫୁଟ୍‌ବଲ ଖେଳ ଦେଖିବାକୁ ପଳାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ଥାନାଧିକାରୀ କୁନି ବେଶ୍ରା ଘଟଣାର ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନେ ଏନେଇ ସ୍ୱୀକାର କରିଛନ୍ତି।

# ପରିବା ବ୍ୟବସାୟୀଙ୍କୁ ଛୁରି ଭୂସି ହତ୍ୟା

ଠାକୁରମୁଣ୍ଡା, ୩୦।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଧୀନ ସାତକୋଶିଆ ପଞ୍ଚାୟତ ପ୍ରଧାନସାହି ଗାଁ ଦାଣ୍ଡରେ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଜଣେ ପରିବା ବ୍ୟବସାୟୀଙ୍କୁ ଛୁରି ଭୂସି ହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଧାନସାହି ଗ୍ରାମର ଭାଗମାତ କାଲୁଣ୍ଡିଆ। ରାସ୍ତାକଡ଼ରେ ତାଙ୍କ ମୃତଦେହ ପଡ଼ି ରହିଥିଲା। ଶୁକ୍ରବାର ସକାଳେ ଖବରପାଇ ମହୁଲଡ଼ିହା ଥାନା ପୋଲିସ ଓ କରଞ୍ଜିଆ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ପଡ଼ିଥିବା ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ରକ୍ତଭିଜା ଛୁରି ଏବଂ ଭାଗମାତ ବ୍ୟବହାର କରୁଥିବା ଲୁନା ମୋଟରସାଇକେଲ, ପରିବା ବିକ୍ରିର କିଲ ଦଣ୍ଡି ପୋଲିସ ଜବତ କରିଛି। ମୃତ ଭାଗମାତଙ୍କ ସ୍ତ୍ରୀ ନଗେଶ୍ୱରୀଙ୍କ ଲିଖିତ ଅଭିଯୋଗ କ୍ରମେ ମହୁଲଡ଼ିହା ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୫୧/୨୦୨୨) ରୁଜୁ କରିଛି।

ନଗେଶ୍ୱରୀ ଏତଲାରେ ଦର୍ଶାଇଛନ୍ତି ଯେ, ଗୁରୁବାର ଭାଗମାତ ଘରୁ ପରିବା ନେଇ ବିକ୍ରି କରିବାକୁ ନିକଟରେ ହେଉଥିବା ସାପ୍ତାହିକ ସାତକୋଶିଆ ହାଟକୁ ଯାଇଥିଲେ। ରାତିରେ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ରାସ୍ତାକଡ଼ରେ ଭାଗମାତଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମରକ୍ଷୀ ଦୁମ୍ପୀ ଖୁଣ୍ଟିଆ ଖବର ଦେଇଥିଲେ। ଭାଗମାତ ପରିବା ବିକ୍ରି କରି ସାରି ରାତିରେ ଲୁନାରେ ଘରକୁ ଫେରୁଥିବା ବେଳେ ଗ୍ରାମ ନିକଟରେ କେହି ଦୁର୍ବୃତ୍ତ ତାଙ୍କ ଛାତିରେ ଛୁରି ଭୂସି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ପୋଲିସ ହତ୍ୟାକାରୀଙ୍କ ସୁରାକ୍ ପାଇପାରି ନାହିଁ।

# ପରଲୋକରେ ଶ୍ରମିକ ନେତା ସୁଧୀର ମଙ୍ଗରାଜ

ବାଲେଶ୍ୱର ଅଫିସ/
ରେମୁଣା,୩୦।୯(ଡି.ଏନ୍.ଏ.): ବାଲେଶ୍ୱର ଜିଲାର ବିଶିଷ୍ଟ ଶ୍ରମିକ ନେତା ସୁଧୀର ମଙ୍ଗରାଜଙ୍କ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ମରଶରୀର ବାଲେଶ୍ୱର ରେମୁଣା ଗୋଲେଇ ନିକଟରେ ଅପରାହ୍ନ ୩ଟା ସମୟରେ ପହଞ୍ଚିଥିଲା। ସେଠାରୁ ଏକ ଶୋଭାଯାତ୍ରାରେ ରେମୁଣା ବଜାର ସହ ଇସ୍ପାତ ଆଲୋୟେଜ, ଇମାମୀ ପେପର ମିଲ୍ କାରଖାନା ସହିତ ନୂଆପାଢ଼ି ପଞ୍ଚାୟତ ଏବଂ ବଡ଼ପାଳ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ରାଜନେତା, ଶ୍ରମିକ ନେତା, ବିଶିଷ୍ଟ ବ୍ୟକ୍ତି ଗଣ ପହଞ୍ଚିଥିଲେ। ଜିଲାରେ ବିଶେଷ କରି ରେମୁଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ପାଳ ପଞ୍ଚାୟତ କାକବୋରେଇ ଗ୍ରାମରେ ନିଜ ବାସଗୃହକୁ ନିଆଯାଇଥିଲା। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମରଶରୀର ନିକଟରେ ପୁଅ ଶୁଭେନ୍ଦୁ ମଙ୍ଗରାଜ,ବୋହୂ, ଝିଅ-ଜ୍ୱାଇଁ, ନାତୁଣୀନାତି ତଥା ପରିବାରବର୍ଗ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ସ୍ୱର୍ଗତ ମଙ୍ଗରାଜ ଇମାମୀ ପେପର ମିଲ୍ ଏମ୍ପ୍ଲୋଇଜ୍ ୟୁନିଅନ୍ ସଭାପତି, ଇସ୍ପାତ ଆଲୋୟେଜ ୟୁନିଅନ୍ ସଭାପତି ସହିତ ବିଭିନ୍ନ ଶ୍ରମିକ ସଙ୍ଗଠନ ସହ ଜଡ଼ିତ ଥିଲେ।



ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ ପାପାଲି



@ ନେତ୍ରମଣି



@ ଅଭିଷେକ



@ ପ୍ରଦୀପ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମଧ୍ୟାହ୍ନଭୋଜନ ଖାଇ ୪ ଅସୁସ୍ଥ

ଖଇରା,୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଅଧୀନ ଡଗରପଡ଼ା ନୋଡାଲ ହାଇସ୍କୁଲରେ ଶୁକ୍ରବାର ମଧ୍ୟାହ୍ନଭୋଜନ ଖାଇ ୪ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି। ମଧ୍ୟାହ୍ନ ଭୋଜନ ଖାଇବା ପରେ ଛାତି ଯନ୍ତ୍ରଣା ହୋଇଥିଲା। ସେମାନଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ସୋର ମେଡିକାଲ ନେଇ ଯାଇଥିଲେ। ଗୁରୁତର ଅବସ୍ଥାରେ, ସୁଶ୍ରୀ ସଙ୍ଗୀତା ଦଳେଇ ,ସସ୍ମିତା ଜେନା ଓ ଲକ୍ଷ୍ମୀପ୍ରିୟା ବାରିକଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଛାତ୍ରୀ ଜୟଶ୍ରୀ ମହାନ୍ତି ଚିକିତ୍ସାପରେ ସୁସ୍ଥ ହୋଇ ଫେରିଛନ୍ତି। କିଛି ଗ୍ରାମବାସୀ ଭୂତଲାଗିବାରୁ ଛାତ୍ରୀମାନେ ଏଭଳି ଆଚରଣ ପ୍ରଦର୍ଶନ କରୁଥିବା କହିଥିବା ବେଳେ ଅସହ୍ୟ ଗରମରୁ ଏଭଳି ପରିସ୍ଥିତି ହୋଇଥିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି ।

# ଟୋକା ଗଣେଶଙ୍କ ଭସାଣି

**ଶୋଭାଯାତ୍ରାରେ ଖୋର୍ଦ୍ଧାର ପାଇକ ଆଖଡ଼ା**

ଭଦ୍ରକ ଅଫିସ, ୩୦।୯

ଭଦ୍ରକ ପୁରୁଣାବଜାରଠାରେ ଏକ ମାସ ଧରି ପୂଜା ପାଉଥିବା ବାବା ଟୋକା ଗଣେଶ ଶୁକ୍ରବାର ବିଦାୟ ନେଇଛନ୍ତି। ଚାନ୍ଦିମେଢ଼ରେ ପୂଜା ପାଉଥିଲେ ଟୋକା ଗଣେଶ। ଧୂମ୍‌ଧାମ୍‌ରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ପୁରୁଣାବଜାରର ସମସ୍ତ ସାହିବସ୍ତି ପରିକ୍ରମା ପରେ ସାଳନ୍ଦୀ ନଦୀର ଆଶ୍ରମ ଘାଟରେ ବିସର୍ଜନ କରାଯାଇଛି। ଭସାଣି ଶୋଭାଯାତ୍ରାରେ ଖୋର୍ଦ୍ଧାରୁ ଆସିଥିବା ପାଇକ ଆଖଡ଼ା ମୁଖ୍ୟ ଆକର୍ଷଣ ଥିଲା। ପାଇକ ଆଖଡ଼ାର କଳାକାରମାନେ କୁସ୍ତି, ବାଡ଼ିଖେଳ ସହ ବିଭିନ୍ନ ପ୍ରକାର ରଣକୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ପୁରୀରୁ ଆସିଥିବା ଓଡ଼ିଶୀ ନୃତ୍ୟ, ବଲାଙ୍ଗୀର ଦୁଲଦୁଲ୍ ସିଂହବାଜା, ଯାଜପୁରର ବ୍ୟାଣ୍ଡପାର୍ଟି, ଆସାମରୁ ଆସିଥିବା ଆସାମୀ ନୃତ୍ୟ, ମୟୂରଭଞ୍ଜର ଆଦିବାସୀ ନୃତ୍ୟ, ପାରମ୍ପରିକ ବେଶ ଆଦି ବିଭିନ୍ନ ନୃତ୍ୟରେ ପୁରୁଣାବଜାର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରା ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ଓ ପୁରୁଣାବଜାର ଥାନାଧିକାରୀ ଆଲୋକ ଜେନାଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ଅଫିସର ଓ ୧୫ ପ୍ଲାଟୁନ ଫୋର୍ସ ବିଭିନ୍ନ ଛକ, ବଜାର ଓ ଶୋଭଯାତ୍ରାରେ ମୁତୟନ ରହିଥିଲେ। ପୂଜା କମିଟି ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରମୋଦ ପଣ୍ଡା, ସନ୍ତୋଷ ସେନ୍ ପ୍ରମୁଖଙ୍କ ନେତୃତ୍ୱରେ ଭସାଣି ଶୋଭାଯାତ୍ରା ହୋଇଥିଲା।



ବାବା ଟୋକା ଗଣେଶଙ୍କୁ ଶୋଭାଯାତ୍ରାରେ ବିସର୍ଜନ ପାଇଁ ନିଆଯାଉଛି।

# ଚୋରା ବାଲି ଖାଦାନରେ ଚଢ଼ାଉ

**୫ଗାଡ଼ି ଜବତ**

ନୀଳଗିରି,୩୦।୯(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ମାଟିଆଳି ବାଲି ଖାଦାନରେ ଗତ କିଛିମାସ ଧରି ବାଲି ମାଫିଆମାନେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଚୋରା ବାଲି ବିକ୍ରି କରୁଛନ୍ତି। ଏନେଇ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ କର୍ମଚାରୀଙ୍କ ସହ ଗତ ଗୁରୁବାର ରାତିରେ ଉକ୍ତ ଖାଦାନ ଉପରେ ଅଚାନକ ଚଢ଼ାଉ କରିଥିଲେ। ସେଠାରୁ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ୩ଟି ଟ୍ରାକ୍ଟର, ୧ଟି ଡମ୍ପର ଓ ୧ଟି ଲୋଡ଼ର ଜବତ କରାଯାଇ ବରହମ୍‌ପୁର ଥାନାକୁ ଅଣାଯାଇଥିଲା। ଏହି ଚଢ଼ାଉକୁ ସାଧାରଣରେ ପ୍ରଶଂସା କରାଯାଉ ଥିବାବେଳେ ଚୋରା ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଥିବା ଜଣାପଡ଼ିଛି।

# ଉଚ୍ଛେଦ ପରେ ଅସହାୟ

**ସହାୟତା ନିବେଦନ କଲେ ଗୋପୀନାଥ**

ଆନନ୍ଦପୁର,୩୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୭ନଂ. ୱାର୍ଡର ବ୍ଲକ୍ ଛକ ନିକଟରେ ଦୀର୍ଘ ବର୍ଷ ହେଲା ଚା, ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିବା ଦିବ୍ୟାଙ୍ଗ ଗୋପୀନାଥ ପଣ୍ଡା (ଜଡ଼ା ଭାଇ) ଏବେ ଅସହାୟ। ପୌରପରିଷଦ ପକ୍ଷରୁ ତାଙ୍କ ଦୋକାନ ଉଚ୍ଛେଦ ପରେ ସେ ନାନା ସମସ୍ୟାରେ ଛନ୍ଦି ହୋଇପଡ଼ିଛନ୍ତି। ଗୋପୀନାଥ ଜନ୍ମରୁ ମୂକ-ବଧିର। କେବଳ ଠାର ହିଁ ତାଙ୍କର ଏକ ମାତ୍ର ଭରସା। ଦୁଇ ଝିଅଙ୍କୁ ବହୁ କଷ୍ଟରେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ସେ ବିବାହ ଦେଇ ସାରିଛନ୍ତି। ବର୍ତ୍ତମାନ ପରିବାର କହିଲେ ସ୍ୱାମୀ ଓ ସ୍ତ୍ରୀ। ସରକାରୀ ସହାୟତା ଭାବେ ରାଶନ୍ ସାମଗ୍ରୀ ମିଳୁଛି। ସୁଆଦିଆ ଗୁଲୁଗୁଲା ତିଆରି କରି ଅଞ୍ଚଳରେ ସେ ବେଶ୍ ପରିଚିତ। ବ୍ଲକ୍ ଛକରେ ଥିବା ତାଙ୍କ ଚା ଓ ଜଳଖିଆ ଦୋକାନକୁ ଗତ ଫେବୃୟାରୀରେ ପୌରପରିଷଦ ପକ୍ଷରୁ ଛୋଟ ପିଲାଙ୍କ ପାଇଁ ମିନି ପାର୍କର ପରିକଳ୍ପନା କରାଯାଇ ଉଚ୍ଛେଦ କରାଯାଇଥିଲା। ଗୋପୀନାଥ ସ୍ଥାନାନ୍ତର ହେଲେ ସତ ଅର୍ଥ ଅଭାବରୁ ଆଉ ଠିକ୍ ଢଙ୍ଗରେ ଥଇଥାନ ହୋଇପାରିଲେ ନାହିଁ। ଫଳରେ ଚାରି ଖଣ୍ଡ କାଠ ଖୁଣ୍ଟରେ ଜରିପାଲ ଟାଙ୍ଗି ଅସ୍ଥାୟୀ ଭାବେ ଦୋକାନ ଚଳାଇଛନ୍ତି। ପୂର୍ବ ଭଳି ଦୋକାନକୁ ସଜାଡ଼ିବାକୁ ସେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ନିବେଦନ କରିଛନ୍ତି।



ଗୋପୀନାଥ ପଣ୍ଡା।

## ସାପ କାମୁଡ଼ାରେ ଚାଷୀ ମୃତ

ବାସୁଦେବପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅଢ଼ୁଁଆ ଗ୍ରାମର ଚାଷୀ କାଶୀନାଥ ମଲିକ(୪୫)ଙ୍କର ସାପ କାମୁଡ଼ାରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ତାଙ୍କ ଘର ନିକଟସ୍ଥ ବାଡ଼ିକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

## ସଂକ୍ଷେପରେ

### ଭୁଜାଲି ଆକ୍ରମଣରେ ଯୁବକ ମୃତ, ଅଭିଯୁକ୍ତ ଗିରଫ

ଧୃଷ୍ଟୁରୀ, ୩୦।୯-ଭଦ୍ରକ ଜିଲା ଧୃଷ୍ଟୁରୀ ଥାନା ଅଧୀନ ପାଳସାହି ପଞ୍ଚାୟତ ବଲସାହି ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଭୁଜାଲି ଆକ୍ରମଣରେ ଦେବାଶିଷ ପ୍ରଧାନ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରପାଇ ଧୃଷ୍ଟୁରୀ ଥାନା ଏଏସ୍ଆଇ ପ୍ରଦ୍ୟୁମ୍ନ ମହାପାତ୍ର ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ପରେ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏହି ଘଟଣାରେ ଅଭିଯୁକ୍ତ ସାଆଁଳପୁର ଗ୍ରାମର ନନ୍ଦକିଶୋର ଜେନାଙ୍କୁ ସ୍ଥାନୀୟ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପାଖରୁ ପୋଲିସ ଗିରଫ କରିଛି। ମୃତ ଦେବାଶିଷଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ପୂର୍ବଶତ୍ରୁତାକୁ ନେଇ ନନ୍ଦକିଶୋର ୧୫ଦିନ ତଳେ ଦେବାଶିଷଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ତାଙ୍କ ଘର ପାଖ ବାପୁଜୀ ହାଇସ୍କୁଲ ଛକ ନିକଟରେ ଦେବାଶିଷଙ୍କୁ ଏକୁଟିଆ ପାଇ ନନ୍ଦକିଶୋର ତାଙ୍କ ଛାତିକୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ଭୁଜାଲିକୁ ନିକଟସ୍ଥ ଏକ ପୋଖରୀକୁ ଫିଙ୍ଗି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମୁମୂର୍ଷୁ ଅବସ୍ଥାରେ ଦେବାଶିଷଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ନନ୍ଦକିଶୋର ହତ୍ୟା କରିବା ପରେ ଦେବାଶିଷଙ୍କ ବଡ଼ବାପାଙ୍କୁ ଯାଇ ମୃତଦେହ ନେଇ ଆସିବାକୁ କହିଥିଲେ। ଏନେଇ ଦେବାଶିଷଙ୍କ ବଡ଼ବାପା ପାଗଳା ପ୍ରଧାନ ପ୍ରକାଶ କରିଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

### ନୂତନ ଥାନାଧିକାରୀଙ୍କ ଯୋଗଦାନ

ପାଟଣା,୩୦।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନାରେ ଶୁକ୍ରବାର ନୂତନ ଥାନା ଅଧିକାରୀ ଭାବେ ମନୋରଞ୍ଜନ ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର, ହରିଚନ୍ଦନପୁର ଓ ଚମ୍ପୁଆ ଥାନାଧିକାରୀ ଭାବେ କାର୍ଯ୍ୟ କରିବାର ତାଙ୍କର ଅଭିଜ୍ଞତା ରହିଛି। ଆଇନଶୃଙ୍ଖଳା ପରିସ୍ଥିତି, ଚୋରି ରାହାଜାନି ରୋକିବା ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବେ ବୋଲି ନୂତନ ଥାନାଧିକାରୀ ପ୍ରଧାନ କହିଛନ୍ତି। ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ବଡ଼ବିଲ ଥାନାକୁ ବଦଳି ହୋଇଛି।

### ଗୋପବନ୍ଧୁଙ୍କ ଜୟନ୍ତୀ ପ୍ରସ୍ତୁତି

କୁଆମରା,୩୦।୯(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ପଶୁଦା ପଞ୍ଚାୟତ ସାନବେଲାକୁଟି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ପ୍ରେସ୍ କ୍ଲବ୍ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ଓ କ୍ଲବ୍ ପ୍ରତିଷ୍ଠା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ନିମାଇଁ ପ୍ରସାଦ ଦାଶ ଏଥିରେ ଅଧ୍ୟକ୍ଷତା କରି ଖବରଦାତା ଏବଂ ବିତରକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେବା ସହ ଗ୍ରାମାଞ୍ଚଳରେ ଥିବା ସମସ୍ୟାକୁ ପ୍ରଶାସନର ନଜରକୁ ଆଣିବା ପାଇଁ ଖବରଦାତାମାନେ ସକ୍ରିୟ ଓ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ସମ୍ପାଦକ ଡ. କୁମାର ବାବୁଲି, ହୀରେନ ରାୟ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଡୁଆଳ, ଦୀପକ ଚୌଧୁରୀ, ସମ୍ବିତ୍ ରାଉତ, ଯୋଗେଶ୍ୱର ସାହୁ, ବିଶ୍ୱଜିତ୍ ଦାଶ, ମାଣିକ ହେମ୍ବ୍ରମ, ରଞ୍ଜନ ମଡୁଆଳ, ସୂର୍ଯ୍ୟକାନ୍ତି ପୁହାଣ, ଜୟନ୍ତ ସ, ପ୍ରମୋଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଆନ୍ତଃ ବିଦ୍ୟାଳୟ ଫୁଟବଲ ମ୍ୟାଚ୍ ୩୨ଖେଳାଳିଙ୍କ ସମେତ ୪ କୋଚ୍ ଜିଲାସ୍ତରକୁ ମନୋନୀତ

ସିମୁଳିଆ,୩୦।୯(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍‌ର ସଦର ମହକୁମାରେ ପ୍ରତିଷ୍ଠିତ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ପଡ଼ିଆରେ 'ବ୍ଲକ୍‌ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ମ୍ୟାଚ୍' ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ଅଧୀନ ୧୬ଟି ହାଇସ୍କୁଲର ୧୭ ବୟସରୁ କମ୍ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୩୪ଜଣ ବାଳିକା ଓ ୭୧ଜଣ ବାଳକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣ ବାଳିକା, ୧୬ ଜଣ ବାଳକଙ୍କ ସମେତ ୪ଜଣ ଶିକ୍ଷକ ପ୍ରଶିକ୍ଷକ ରୂପେ ଜିଲାସ୍ତରୀୟ କ୍ରୀଡ଼ାକୁ ମନୋନୀତ ହୋଇଥିଲେ। ଆସନ୍ତା ୧୨ରୁ ୧୭ ମଧ୍ୟରେ ବାଲେଶ୍ୱରର ପରମିଟ୍ ପଡ଼ିଆ ଓ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ାରେ କୃତିମାନେ ଅଂଶ ଗ୍ରହଣ କରିବେ।

# ମୁଖ୍ୟ ବଜାରରେ ବଢ଼ୁଛି ଟ୍ରାଫିକ୍ ସମସ୍ୟା

## ରାସ୍ତା ମଝିରେ ବେଆଇନ ପାର୍କିଂ

ବାରିପଦା ଅଫିସ,୩୦।୯

ବାରିପଦା ସହର ମୁଖ୍ୟ ମାର୍କେଟ ବାଣ୍ଡିଆ ଜଗନ୍ନାଥ ମନ୍ଦିରଠାରୁ ବସ୍‌ଷ୍ଟାଣ୍ଡ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା ବଢ଼ୁଛି। ବାଜରରେ କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ପାଇଁ ସମସ୍ୟା ଉତ୍କଟ ହେଉଥିବା ଅଭିଯୋଗ ହେଉଛି। ଘଣ୍ଟା ଘଣ୍ଟା ଧରି ଲୋକେ ଭିଡ଼ରେ ଫସି ରହୁଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରକାଶ ଯେ, ମୁଖ୍ୟ ବଜାରରେ ଅନେକ ବ୍ୟବସାୟୀ ପାର୍କିଂ ବ୍ୟବସ୍ଥା ନ କରି ସରକାରୀ ଜମିରେ କୋଠା ନିର୍ମାଣ କରି ବ୍ୟବସାୟ ଚଳାଇଛନ୍ତି। ଲୋକେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ପାର୍କିଂ କରି ସାମଗ୍ରୀ କିଣୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁ ଥିବା ବେଳେ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗତ କିଛି ଦିନ ହେଲା ଶାରଦୀୟ ଦୁର୍ଗାପୂଜା ଅବସରରେ ସର୍ପିଂ ଓ ମାର୍କେଟିଂ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଶୁକ୍ରବାର ବାରିପଦା ସହରର ମୁଖ୍ୟ ରାସ୍ତା ବାଣ୍ଡିଆ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଏକ ଜ୍ୱେଲାରୀ ଦୋକାନକୁ ଗ୍ରାହକ ଜଣେ ଗହଣା କିଣିବାକୁ ଯାଇଥିଲେ। ତାଙ୍କର ଚାରିଚକିଆ ଯାନଟିକୁ ରାସ୍ତା ଉପରେ ରଖି ଦୀର୍ଘ ସମୟ ପର୍ଯ୍ୟନ୍ତ ଦୋକାନରେ ରହିଥିଲେ। ସଙ୍କୁଚିତ ରାସ୍ତାରେ ଯାନବାହାନ ଚଳାଚଳ ପାଇଁ ସମସ୍ୟା ଦେଖା ଦେଇଥିଲା। ନିକଟରେ ଟ୍ରାଫିକ ପୋଲିସ ରହିଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରେ ଭିଡ଼ ହୋଇଥିଲା।



ରାସ୍ତା ଉପରେ ପାର୍କିଂ ହୋଇଥିବା ଗାଡ଼ି।

ଏ ନେଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଟ୍ରାଫିକ ସମସ୍ୟା ଓ ପାର୍କିଂ ବ୍ୟବସ୍ଥାରେ ସୁଧାର ଅଣାଯିବ। ଏଥି ସହ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ମହାନ୍ତି ପ୍ରକାଶ କରିଛନ୍ତି।


ମା'ଙ୍କୁ ଶେଷ ସ୍ପର୍ଶ ଦେଉଛନ୍ତି ମୂର୍ତ୍ତିକାର।

## ମା'ଙ୍କୁ ଶିଳ୍ପୀଙ୍କ ଶେଷ ସ୍ପର୍ଶ

ଢେଙ୍କିକୋଟ,୩୦।୯(ଡି.ଏନ.ଏ)

ମା'ଙ୍କ ଆଗମନରେ କେନ୍ଦୁଝର ଜିଲା ଢେଙ୍କିକୋଟ୍ ବଜାର ଉତ୍ସବ ମୁଖର ହୋଇଛି। ମା' ଦୁର୍ଗତିନାଶିନୀ ଦୁର୍ଗାଙ୍କ ଆଗମନରେ ପୁରପଲ୍ଲୀରେ ପାର୍ବଣର ବାତାବରଣ ଖେଳିଯାଇଛି। ଏହି ଅବସରରେ ଢେଙ୍କିକୋଟ୍ ଦେବୀ ମଣ୍ଡପରେ ଶନିବାର ପୂଜା ପାଇବେ ଦେବୀ ଦୁର୍ଗା। ମା'ଙ୍କ ମୃଣ୍ମୟ ମୂର୍ତ୍ତିରେ ଶିଳ୍ପୀ ତାଙ୍କର ଶେଷ ସ୍ପର୍ଶ ଦେଇଥିବା ବେଳେ ପୂଜା ମଣ୍ଡପକୁ ପୂଜା କମିଟି ଦ୍ୱାରା ରଙ୍ଗିନ ସୁବର୍ଣ୍ଣ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ଆଚ୍ଛାଦିତ କରିବାରେ କର୍ମକର୍ତ୍ତା ଲାଗି ପଡ଼ିଛନ୍ତି। ଶନିବାର ମାଆଙ୍କ ଆଗମନ ଷଷ୍ଠୀ ପୂଜା ଆରମ୍ଭ ହେବ। ରବିବାର ମଣ୍ଡପେ ସପ୍ତମୀ, ସୋମବାର ଅଷ୍ଟମୀ, ମଙ୍ଗଳବାର ମହାନବମୀ ଓ ବୁଧବାର ବିଜୟା ଦଶମୀ ପୂଜା ଅନୁଷ୍ଠିତ ହେବ।

# ଡିହିଡ଼ିରେ ନେତା, ଜନତାଙ୍କ ଭିଡ଼

ଭଦ୍ରକ ଅଫିସ, ୩୦।୯

ଭଦ୍ରକ ଜିଲା ଧାମନଗର ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଦ୍ୱାଦଶାହ ଅବସରରେ ଶୁକ୍ରବାର ଡିହିଡ଼ି କଲେଜ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଯୋଗ ଦେଇଥିଲେ। ନଡ୍ଡାଙ୍କ ଗସ୍ତ ପାଇଁ ପ୍ରସ୍ତୁତ ହୋଇଥିବା ହେଲିପ୍ୟାଡ୍‌ର ବ୍ୟାରିକେଡ୍ ଚାରିପଟେ ସକାଳ ୮ଟାରୁ ବହୁସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ଡିହିଡ଼ି ବଜାର ଏକ ପ୍ରକାର ଜନସମୁଦ୍ରରେ ପରିଣତ ହୋଇଥିଲା। ଟ୍ରାଫିକ ବ୍ୟବସ୍ଥା ନେଇ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ଓ ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡାଙ୍କ ନେତୃତ୍ୱରେ ହେଲିପ୍ୟାଡ, ଡିହିଡ଼ି ବଜାର ଓ ସମସ୍ତ ପ୍ରମୁଖ ଛକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ହେଲିପ୍ୟାଡ୍ ଏବଂ ସଭା ସ୍ଥଳରେ ବିଷ୍ଣୁ ସେନା ଓ ଡିହିଡ଼ି ଯୁବମଞ୍ଚର ଯୁବକମାନେ ନିୟୋଜିତ ରହି ପୋଲିସକୁ ସହଯୋଗ କରିଥିଲେ। ନଡ୍ଡା କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରିଯାଇଥିଲେ। ପରେ ସଭାରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଞ୍ଚାଳନାରେ ବିଶିଷ୍ଟ ପ୍ରବଚକ ବୀରେନ୍ଦ୍ର ପଣ୍ଡା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, କାଳନ୍ଦୀ ସାମଲ, ସିପ୍ରା ବାଜପେୟୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ପୂର୍ବତନ ବିଧାୟକ ନରେନ ପଲେଇ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଭଦ୍ରକ ଜିଲା ସଭାପତି ହେମନ୍ତ ପାଢ଼ୀ, ଡ. ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ, ମାଧବାନନ୍ଦ ମଲ୍ଲିକ, ଦୀନବନ୍ଧୁ ପତି, ପଞ୍ଚାନନ ନାୟକ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧିବକ୍ତା ନିରାକାର ଜେନା, ଚିନ୍ତାମଣି ଦାସ, ରଘୁନାଥ ପଣ୍ଡା, ଅରବିନ୍ଦ ପତି, ଚତୁର୍ଭୁଜ ନାୟକ, ରଞ୍ଜିତା ସ୍ୱାଇଁ, ମନସ୍ମିତା ଖୁଣ୍ଟିଆ, ପ୍ରଦୀପ ବଳ, ପବିତ୍ର ପାଣିଗ୍ରାହୀ, ଶୋଭନା ମହାନ୍ତି, ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବାଲୁକା କଳାରେ ବିଷ୍ଣୁଙ୍କୁ ଶ୍ରଦ୍ଧାଞ୍ଜଳି


ଧାମନଗର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଡିହିଡ଼ି କଲେଜ ପରିସରରେ ଶିଳ୍ପୀ ଜୟନ୍ତ କୁମାର ନାୟକ ଓ ଯଶୋବନ୍ତ ମଲ୍ଲିକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ରୂପସାରେ ଶାନ୍ତି କମିଟି ବୈଠକ | ଦୁର୍ଗା ପୂଜାରେ ବାଜିବନି ଡିଜେ

ରୂପସା, ୩୦।୯(ଡି.ଏନ.ଏ.)

ଦୁର୍ଗା ପୂଜା, ରାବଣପୋଡି ଓ ମହମ୍ମଦ ଜୟନ୍ତୀ ପାଳନ ପାଇଁ ବାଲେଶ୍ୱର ଜିଲା ଅଧୀନ ରୂପସା ଥାନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ଡିପିଓ ଜଳନ୍ଧର ଜାଲି ଅଧ୍ୟକ୍ଷତା କରି ଶାନ୍ତିଶୃଙ୍ଖଳାରେ ଉତ୍ସବ ପାଳନ ଦିଗରେ ସମସ୍ତ ପୂଜାକମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥର ପୂଜା ଓ ଭସାଣି ଉତ୍ସବରେ ଡିଜେ ବଜାଇବାକୁ ବାରଣ କରାଯାଇଥିଲା। ପୂଜା ପାଇଁ ଥାନା, ଦମକଳ ବିଭାଗ ଓ ବିଦ୍ୟୁତ ବିଭାଗଠାରୁ ସ୍ୱୀକୃତି ଆଣିବା ବାଧ୍ୟତାମୂଳକ ବୋଲି ଏସ୍‌ଡିପିଓ ନିର୍ଦ୍ଦେଶ ଦେଇଥିଲେ।

ସରକାରୀ ନିୟମ ଅନୁଯାୟୀ ପୂଜା, ଭସାଣି ଓ ରାବଣ ପୋଡି ଉତ୍ସବ ପାଳନ କରିବାକୁ ଥାନା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପୂଜା ମଣ୍ଡପରେ ଭିଡ଼କୁ ନିୟନ୍ତ୍ରଣ ପାଇଁ କମିଟି ତରଫରୁ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ କୁହାଯାଇଥିଲା। ଏଏସ୍ଆଇ ନଗେନ୍ଦ୍ର ନାଥ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭିନ୍ନ କମିଟି କର୍ମକର୍ତ୍ତା ଜୟନ୍ତ କୁମାର ପାଣିଗ୍ରାହୀ, ମନୋରଞ୍ଜନ ମହାପାତ୍ର, କୈଳାସ ଚନ୍ଦ୍ର ନାୟକ, ଶ୍ରୀପତି ରାଉତ, ମହାଦେବ ଦାସ, ସନ୍ତୋଷ କୁମାର ପରିଡ଼ା, ମାୟାଧର ମଣି, ହରେକୃଷ୍ଣ ପାଳ, ନାସିରୁଦ୍ଦିନ ଖାନ, ମଜନୁ ମହମ୍ମଦଖାନ, ଲମ୍ବୋଦର ଜେନାଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏଏସ୍ଆଇ ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବୋହୂଙ୍କ ଝୁଲନ୍ତା ମୃତଦେହ ଜବତ | ହତ୍ୟା ଅଭିଯୋଗରେ ଶ୍ୱଶୁର ଗିରଫ

ଭଣ୍ଡାରିପୋଖରୀ, ୩୦।୯ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମର ଉଲ୍ଲାସିନୀ ପରିଡ଼ା ନାମ୍ନୀ ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ସକାଳେ ଘର ଭିତରୁ ପୋଲିସ ଜବତ କରିଛି। ଶାଶୁଘର ଲୋକେ ଉଲ୍ଲାସିନୀଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ବାପା ଯାଜପୁର ମୋଟ୍ରାଙ୍ଗ ପାଳର ବନମାଳୀ ପରିଡ଼ା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହରେ କ୍ଷତ ଚିହ୍ନ ଥିବା ଓ ହତ୍ୟା ଅଭିଯୋଗରେ ପୋଲିସ ମୃତ ଉଲ୍ଲାସିନୀଙ୍କ ଶ୍ୱଶୁର କେଶବ ପରିଡ଼ାଙ୍କୁ ସନ୍ଧ୍ୟାରେ ଗିରଫ କରିଛି।

ବନମାଳୀ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ରେ ଚତୁର୍ଭୁଜପୁର ଗ୍ରାମର କେଶବଙ୍କ ପୁଅ ପ୍ରତାପଙ୍କ ସହ ଉଲ୍ଲାସିନୀଙ୍କର ବିବାହ ହୋଇଥିଲା। ବିବାହର କିଛିଦିନ ପରେ ପ୍ରତାପ ବାହାରକୁ ଚାକିରି ପାଇଁ ଯାଇ ଆଉ ଫେରି ନ ଥିଲେ। ସେମାନଙ୍କର ଗୋଟିଏ ତିନି ବର୍ଷର ଝିଅ ଅଛି। ସବୁବେଳେ ପାରିବାରିକ ଅଶାନ୍ତି ଲାଗି ରହୁଥିଲା। ଶାଶୁଘର ଲୋକେ ଉଲ୍ଲାସିନୀଙ୍କୁ ନିର୍ଯାତନା ଦେଉଥିଲେ। ସେମାନେ ତାଙ୍କ ଝିଅକୁ ମାରି ଦେଇଛନ୍ତି। ଏନେଇ ଭଣ୍ଡାରିପୋଖରୀ ପୋଲିସ ଏକ ହତ୍ୟା ମାମଲା (ନଂ. ୩୨୪/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଦେଶୀ ମଦଭାଟିରେ ଅବକାରୀ ଚଢ଼ାଉ

ମୋରଡ଼ା,୩୦।୯(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରିଛି। ଭାଲୁକଟୁଆ, ତଳସାହି ଓ ଚିଲବସା ଗ୍ରାମର ବିଭିନ୍ନ ସ୍ଥାନରେ ଚୋରାରେ ତିଆରି ହେଉଥିବା ଦେଶୀ ମଦ ଭାଟିରେ ଚଢ଼ାଉ କରି ବ୍ୟବହୃତ ଚୁଲିକୁ ନଷ୍ଟ କରିଛି। ୯୧୮ କେଜି ମହୁଲ ପୋଚ ଓ ୪୦୫ ଲିଟର ଦେଶୀ ମଦ ସହ ବ୍ୟବହୃତ ସରଞ୍ଜାମ, ସାମଗ୍ରୀ ଜବତ କରାଯାଇଥିବା ମୋରଡ଼ା ଅବକାରୀ ବିଭାଗ ଅଧିକାରୀ ପୀତାମ୍ବର ମହାପାତ୍ର ସୂଚନା ଦେଇଛନ୍ତି। ଓଡ଼ିଶା ଅବକାରୀ କମିଶନର ଓ ମୟୂରଭଞ୍ଜ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ମୋରଡ଼ା ତହସିଲଦାର ଅନନ୍ତ କୁମାର ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦା ସଦର ରେଞ୍ଜର ଇନ୍ସପେକ୍ଟର ବିକାଶ ଟପ୍ପ, ବିଜୟଲକ୍ଷ୍ମୀ ଦାସ, ମୋବାଇଲ ୟୁନିଟ, ମୋରଡା ଅବକାରୀ ବିଭାଗ ଓ ଏପିଆର୍ ପୋଲିସ ଚଢ଼ାଉରେ ସାମିଲ ଥିଲେ।

## ବିଜୁ ଛାତ୍ର ଜନତା ଦଳର ଶୋଭାଯାତ୍ରା

ଖଇରା,୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ବିଜୁ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଖଇରା ମହାବିଦ୍ୟାଳୟ ଓ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ମନୋନୀତ ହୋଇଥିବା କର୍ମକର୍ତ୍ତାଙ୍କୁ ନେଇ ଗଠିତ କ୍ୟାମ୍ପସ କମିଟିର ଏକ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଖଇରା ବ୍ଲକ ବିଜୁ ଛାତ୍ର ଜନତା ସଭାପତି ଗୌତମ ରାଉତଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କର ବିରାଟ ପଟୁଆର କଲେଜ ଛକରୁ ବାହାରି ଖଇରା ବଜାର ପରିକ୍ରମା କରି ଆଳଦା ଛକରେ ପହଞ୍ଚିଥିଲା। ବ୍ଲକ ବିଜୁ ଛାତ୍ରଜନତା ଦଳର ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରୀତମ ନାୟକ, ଛାତ୍ର ନେତା ଜ୍ୟୋତି ପ୍ରକାଶ ମହାପାତ୍ର, ସୌମ୍ୟ ରଞ୍ଜନ ନାୟକ, ନାରାୟଣ ସାମଲ, ମିଡିଆ ସଂଯୋଜକ ତୃପ୍ତିକାନ୍ତ ନାୟକ, ମିଳନ ପତ୍ରୀ, ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଏକତା ବୃଦ୍ଧି ପାଇଁ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଏହା କରାଯାଇଥିବା ସଭାପତି ପ୍ରକାଶ କରିଛନ୍ତି।



ବିଭିନ୍ନ ମହାବିଦ୍ୟାଳୟର ମନୋନୀତ ଛାତ୍ର ପ୍ରତିନିଧି।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ପ୍ରଦର୍ଶନୀ

ଯୋଡ଼ା,୩୦।୯(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଝୁରୁଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଦୂଷଣ ହ୍ରାସ, ଜଳବିଦ୍ୟୁତ୍ ଉତ୍ପାଦନ ଏବଂ ସଞ୍ଚୟ, ସୁଷମ ଖାଦ୍ୟ ଉତ୍ପାଦନ ପାଇଁ ନିଜ ବଗିଚାରେ ସୁବିଧା, ସହଜରେ ଫସଲ କରିବା, ସୁସ୍ଥ ପରିବେଶ ଏବଂ ବୃକ୍ଷରୋପଣ ଆଦି ବିଷୟରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଖଣି ନିଗମ ଅଧୀନ ଜିଲିଂ ଲୌହ ଖଣି ପରିଚାଳକ ତାପସ ମହାପାତ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଉକ୍ତ ଖଣିର ସହ ପରିଚାଳକ ଦୀପକ ଗୁପ୍ତା, ବିଦ୍ୟାଳୟର ସଭାପତି ପ୍ରଣବ ମହାନ୍ତି, ସମ୍ପାଦକ ରୁଦ୍ରନାରାୟଣ କର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଜେତାଙ୍କୁ ମେଡାଲ ଏବଂ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ମହାନ୍ତ, ରମାକାନ୍ତ ପାତ୍ର ଏବଂ ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନା କରିଥିଲେ।


ବିଜ୍ଞାନ ପ୍ରଦର୍ଶନୀ।

## ସଂଗ୍ରାମୀ ସ୍ଥଳ ମୃତ୍ତିକା, ପୁଣ୍ୟତୋୟା ଜଳ ସଂଗ୍ରହ

ବାଲେଶ୍ୱର ଅଫିସ,୩୦।୯

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ବାଲେଶ୍ୱର ଜିଲାରୁ ସଂଗ୍ରାମୀସ୍ଥଳ ମୃତ୍ତିକା ଓ ପୁଣ୍ୟତୋୟା ଜଳ ସଂଗୃହୀତ ହୋଇ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଅହିଂସା ରଥ ଉଦ୍‌ଯାପନୀ ସମାରୋହ ନିମନ୍ତେ ପ୍ରେରଣ କରାଯାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଳସୀରେ ସଂଗୃହୀତ ମୃତ୍ତିକା ଓ ଜଳକୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱରକୁ ପ୍ରେରଣ କରିଛନ୍ତି। ଏହି କଳସୀ ଯାତ୍ରାର ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲାପାଳ ନିଳୁ ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ପବିତ୍ର ମୃତ୍ତିକା ଓ ଜଳବାହୀ ସ୍ୱତନ୍ତ୍ର ଗାଡ଼ିକୁ ବିଦାୟ ଦେଇଥିଲେ।


ଜିଲାର ସଂଗ୍ରାମୀ ସ୍ଥଳ ମୃତ୍ତିକା ଓ ପୁଣ୍ୟତୋୟା ଜଳକୁ ଭୁବନେଶ୍ୱର ପଠାଯାଉଛି।

ବାଲେଶ୍ୱର ଜିଲାର ବାଘାଯତୀନ ସ୍ମୃତିପୀଠ, ଚଷାଖଣ୍ଡ ତଥା ଲବଣତୀର୍ଥ ଇଞ୍ଚୁଡ଼ିଠାରୁ ମୃତ୍ତିକା ସଂଗୃହୀତ ହୋଇଥିବା ବେଳେ ପୁଣ୍ୟତୋୟା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା ଓ ସୋନ ନଦୀର ଜଳ ସଂଗୃହୀତ ହୋଇ ସୁସଜ୍ଜିତ କଳସୀରେ ଭୁବନେଶ୍ୱର ପ୍ରେରଣ କରାଯାଇଛି। ଜଳେଶ୍ୱରର ରାଜଘାଟ, ସଦର ବ୍ଲକର ବାଲିଘାଟ, ବସ୍ତା ବ୍ଲକର ସଦର ମହକୁମା ଓ ରେମୁଣା ବ୍ଲକର ହାତିଆଗଣ୍ଡ ନିକଟରେ ଯଥାକ୍ରମେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା ଓ ସୋନ ନଦୀର ଜଳ ସଂଗୃହୀତ ହୋଇଥିବା ବେଳେ ଇଞ୍ଚୁଡ଼ି ଓ ଚଷାଖଣ୍ଡର ଠାରୁ ପବିତ୍ର ମୃତ୍ତିକା ସଂଗୃହୀତ ହୋଇଛି। ଏହି ସଂଗ୍ରହଣ ସ୍ଥଳରେ ସ୍ଥାନ ବିଶେଷରେ ବଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ପୌରପାଳିକା ନିର୍ବାହୀ ଅଧିକାରୀ, ବିଡିଓ, ବସ୍ତା ବ୍ଲକ ଉପାଧ୍ୟକ୍ଷ, ବିଡିଓ ତଥା ଅନ୍ୟ ପଞ୍ଚାୟତସ୍ତରୀୟ ପ୍ରତିନିଧି, ଆଶା, ଅଙ୍ଗନୱାଡ଼ି କର୍ମୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ମୋବାଇଲ ଜବତ: ୨ ଗିରଫ

ସୋର,(ଡି.ଏନ.ଏ.): ମୋବାଇଲ ଚୋରି ଅଭିଯୋଗରେ ସୋର ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୧୦ ମୋବାଇଲ ଜବତ ହୋଇଛି। ଗତ ୨୯ ତାରିଖରେ ସୋର ବ୍ଲକ ମାଣତ୍ରୀ ଗ୍ରାମର ସୁରେଶ କୁମାର ଶିଅଳଙ୍କର ଏକ ମୋବାଇଲ ଚୋରି ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୪୨୬/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ଶିକ୍ଷାଞ୍ଚଳ ଥାନା ଅଧୀନ ସୋମନାଥପୁର ଖପରପଦା ଗ୍ରାମର ସେକ୍ ସେକ୍ ଫୁର୍କାନ ଓ ମୀର ସର୍ଫଦିନଙ୍କୁ ପୋଲିସ ଗିରଫ କରିଛି।

# ଟିକା ପାଇଁ ଲମ୍ବାଧାଡ଼ି



ଟୀକା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଲୋକେ।

**ବାଲିଆପାଳ,୩୦।୯(ସ୍ୱ.ପ୍ର)**

### ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର କରୋନା ଟିକା ପାଇଁ ଲମ୍ବାଧାଡ଼ି ଲାଗିଥିବା ଦେଖିବାକୁ ମିଳିଥିଲା। ୪୨୦ ଟିକା ଆସିଥିବା ବେଳେ ହଜାର ହଜାର ଲୋକ ଭିଡ଼ ଜମାଇଥିଲେ। ସେପ୍ଟେମ୍ବର ମାସ ପରେ ଆଉ ମାଗଣା ଟିକା ମିଳିବ ନାହିଁ ବୋଲି କେନ୍ଦ୍ର ସରକାର ପୂର୍ବରୁ ଘୋଷଣା କରିଥିବାରୁ ଶୁକ୍ରବାର ଶେଷ ଦିନରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତି ଅଧାରୁ ଲମ୍ବା ଧାଡ଼ି ଲାଗିଥିଲା। ଏହି ବ୍ଲକର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୪୨୦, ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୩୦୦, ଜାମକୁଣ୍ଡା ପିଏଇଚ୍‌ସି ପାଇଁ ୩୩୦, ଲଙ୍ଗଳେଶ୍ୱର ପିଏଇଚ୍‌ସି ପାଇଁ ୩୦୦, ଘଣ୍ଟୁଆ ପିଏଇଚ୍‌ସି ପାଇଁ ୧୫୦, ବୋଲଂ ପିଏଇଚ୍‌ସି ପାଇଁ ୩୫୦, ଶ୍ରୀରାମପୁର ପିଏଇଚ୍‌ସି ପାଇଁ ୧୫୦କୁ ମିଶାଇ ମୋଟ୍ ବ୍ଲକ ପାଇଁ ୨ ହଜାର ଟୀକା ଦିଆଯିବା ପାଇଁ ସ୍ଲଟ ବାହାରିବା ପରେ ଅନଲାଇନ ଓ ଅଫ ଲାଇନ ବ୍ୟବସ୍ଥା ଥିଲା। ହେଲେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ସବୁଠି ଭିଡ଼ ଦେଖିବାକୁ ମିଳିଥିଲା।

# ଗୋରୁଙ୍କୁ ଲମ୍ପି ରୋଗ, ଲୋକେ ଭୟଭୀତ

**ସାରସକଣା, ୩୦।୯(ଡି.ଏନ.ଏ.)**



ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ପାଣ୍ଡରା ପଞ୍ଚାୟତରେ ଗୋଟିଏ ଗାଇ ଦେହରେ ଲମ୍ପି ରୋଗ ଲକ୍ଷଣ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗ୍ରାମର ଜଣେ ବ୍ୟକ୍ତିଙ୍କ ଗାଇର ଦେହ ସାରା ଫଟକା ହେବା ସହ ପରେ ଚେକା ଚେକା ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଲମ୍ପି ରୋଗ ଭାବି ଗ୍ରାମବାସୀ ଚିନ୍ତା ବ୍ୟକ୍ତ କରିଛନ୍ତି। ଗାଇର ଦେହ ସାରା ଏଭଳି ହୋଇଥିବା ବେଳେ କର୍ପୂର ଲଗାଇବାରୁ କିଛିଟା ଉପଶମ ମିଳିଥିବା ଗାଇର ମାଲିକ କହିଛନ୍ତି। ଏନେଇ ବ୍ଲକର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାଧାକୃଷ୍ଣ ସାହୁ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୬ଟି ଗାଇଠାରେ ଲମ୍ପି ରୋଗର ଲକ୍ଷଣ ଚିହ୍ନଟ ସହ ଚିକିତ୍ସା ମଧ୍ୟ କରାଯାଉଛି। ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଏହି ରୋଗ ଆସୁଥିବା ସରକାରୀ ସୂଚନାରୁ ଜଣାପଡ଼ିଥିବା ହେତୁ ସାରସକଣା ବ୍ଲକକୁ ଲାଗି ରହିଥିବା ନିକଟବର୍ତ୍ତୀ ଜାଲଦା, ଭୁରଶାଣି, ବାଗବୁଡା ଏବଂ ପାକଟିଆ ପଞ୍ଚାୟତର ଗୋରୁଙ୍କୁ ଭାକ୍ସିନ ଦେବା ବ୍ୟବସ୍ଥା କରାଯାଉଛି। ଭାକ୍ସିନ ଅଭାବ ଯୋଗୁ ପାକଟିଆରେ କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ଜାଲଦା, ଭୁରଶାଣି ଓ ବାଗବୁଡା ଅଞ୍ଚଳରେ ଭାକ୍ସିନେଶନ କରାଯାଉଛି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

## ଜୀବନଜ୍ୟୋତି, ପ୍ରତ୍ୟୁଷ ଓ ଅଭିମନ୍ୟୁ ଶ୍ରେଷ୍ଠ ବିବେଚିତ

**ସିମୁଳିଆ,୩୦।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ମାର୍କୋଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଜୁନିୟର ବିଭାଗରେ 'ବୃକ୍ଷ ଆମର ବନ୍ଧୁ' ପ୍ରକଳ୍ପ ପାଇଁ ଜୀବନଜ୍ୟୋତି ବେହେରା ଓ ସିନିୟରରେ 'ବାୟୁ ପ୍ରଦୂଷଣ' ପ୍ରକଳ୍ପ ପାଇଁ ଯୁଗ୍ମ ରୂପେ ପ୍ରତ୍ୟୁଷ ଶତପଥି ଓ ଅଭିମନ୍ୟୁ ବେହେରା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ପ୍ରଧାନ ଗୁରୁଜୀ ଗୌରାଙ୍ଗ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ମହେନ୍ଦ୍ର ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ। ପର୍ଯ୍ୟବେକ୍ଷକ ରୂପେ ମାର୍କୋଣା ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ବାରିକ ଯୋଗଦେଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଅଭିଭାବକମାନଙ୍କ ସମେତ ଗୁରୁଜୀ ବସନ୍ତ କୁମାର ମଳିକ, କ୍ଷୀରୋଦ ମହାପାତ୍ର, ବସନ୍ତ କୁମାର ପଣ୍ଡା, ଦାମୋଦର ପାଢୀ, ଗୁରୁମା ଅଞ୍ଜଳୀ ବେହେରା, ଲକ୍ଷ୍ମୀପ୍ରିୟା ଦାଶ, ସଙ୍ଗୀତା ସାମଲ, ଶକୁନ୍ତଳା ଦାଶ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ, ଛାତ୍ରୀଛାତ୍ର ଓ ଶିକ୍ଷାକର୍ମୀ।

# କଳା ପ୍ରଦର୍ଶନ କଲେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**କେନ୍ଦୁଝର,୩୦।୯(ଡି.ଏନ୍.ଏ)**

### ଯୁବ ଉତ୍ସବ

କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ପକ୍ଷରୁ ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଆନୁକୂଲ୍ୟରେ ଯୁବ ଉତ୍ସବ, ଯୁବ ସମ୍ବାଦ ଇଣ୍ଡିଆ ଆଟ୍ ୨୦୪୭ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗଙ୍କ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତ ଓ ମହାବିଦ୍ୟାଳୟ ମାନଙ୍କରୁ ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବ ଛାତ୍ରୀଛାତ୍ର ଉତ୍ସବରେ ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। ଯୁବ ସଂଯୋଜିକା ସୁଶ୍ରୀ ବସୁନ୍ଧରା ସାହୁଙ୍କ ସଂଯୋଜନାରେ ଚିତ୍ରକଳା, ସୃଜନଶୀଳ ଫଟୋଗ୍ରାଫି, ଯୁବ ସମ୍ବାଦ ଇଣ୍ଡିଆ ଅଟ୍ ୨୦୪୭, ଯୁବ ଲୋକକଳା, ଲୋକ ନୃତ୍ୟ, ଯୁବ କବି ପ୍ରତିଭା, ପଠନ ଲିଖନ, ତର୍କ ପ୍ରବନ୍ଧ ପ୍ରତିଯୋଗିତା ଏବଂ ଦକ୍ଷତା ବୃଦ୍ଧି, ବାଲ୍ୟବିବାହ ନିଷେଧ, ଶିଶୁ ସୁରକ୍ଷା ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟାୟନ ଆୟୋଜନ ହୋଇଥିଲା। ସୁଶ୍ରୀ ଅଭିଲିପ୍ସା ପଣ୍ଡା ଯୋଗଦେଇ ଯୁବ ସମାଜକୁ ଉତ୍ସାହିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ, ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ସଞ୍ଜୀବ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ୫୦ ଲିଟର ମଦ ଜବତ

**ବୈଶିଙ୍ଗା,୩୦।୯(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାମଡ଼ା ଗ୍ରାମ ସ୍ଥିତ ଜଙ୍ଗଲରେ ଶୁକ୍ରବାର ବୈଶିଙ୍ଗା ପୋଲିସ ଓ ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ୨୦୦୦ କେଜି ପୋଚ ନଷ୍ଟ କରିବା ସହ ୫୦ଲିଟର ମଦ ଜବତ କରିଛି। ଚଢ଼ାଉ ସୂଚନା ପାଇ ଅଭିଯୁକ୍ତ ଫେରାର ହୋଇଯିବାରେ ସଫଳ ହୋଇଛନ୍ତି। ବେତନଟୀ ଅବକାରୀ ଇନ୍ସପେକ୍ଟର ନିରଞ୍ଜନ ସାହୁ, ବୈଶିଙ୍ଗା ଥାନା ଏଏସ୍ଆଇ ଭାବଗ୍ରାହୀ ମହାନ୍ତଙ୍କ ସହ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ଏ ନେଇ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ.୨୯୬/୨୨) ରୁଜୁ କରାଯାଇଥିବା ଜଣାଯାଇଛି।

# ୩୦୩ ଛାତ୍ରୀଙ୍କୁ ପୋଷାକ ବିତରଣ

**ଧାମନଗର, ୩୦।୯ (ସ୍ୱ.ପ୍ର.):** ଭଦ୍ରକ ଜିଲା ଧାମନଗର ଏନ୍ଏସି ଅଧୀନ ୫ ନଂ. ୱାର୍ଡସ୍ଥିତ ଧାମନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଯୋଗାଇ ଦିଆଯାଇଥିବା ପୋଷାକ ଓ ଜୋତା ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍ଏସି ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାଉନସିଲର ଅନୁ ମୁଣ୍ଡା, ଶିକ୍ଷା ପରିଚାଳନା କମିଟି ସଭାପତି ସେକ୍ କାଲୋ, ପୂର୍ବତନ ସଭାପତି ସେକ୍ ଜାଫର ଅଲ୍ଲୀ, ସାମାଜିକ କର୍ମୀ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ମୋଟ ୩୦୩ ଛାତ୍ରୀଙ୍କୁ ପୋଷାକ ଓ ଜୋତା ବଣ୍ଟନ କରାଯାଇଛି। ସହକାରୀ ଶିକ୍ଷକ ସମୀର କୁମାର ଗୋସ୍ୱାମୀଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥା ଦଳର ଲକ୍ଷ୍ୟ

**ଖୁଣ୍ଟା,୩୦।୯(ଡି.ଏନ୍.ଏ)**

### ଏଏପିର ଜନସମ୍ପର୍କ ଅଭିଯାନ

ମୟୂରଭଞ୍ଜ ଜିଲା ଉଦଳା ବିଧାନସଭା ମଣ୍ଡଳୀ ଅଧୀନ ଗୋପବନ୍ଧୁ ନଗର ଖୁଣ୍ଟାଠାରେ ରବିବାର ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଉଦଳା ନିର୍ବାଚନ ମଣ୍ଡଳୀ ସଂଯୋଜକ ସତ୍ୟସୁନ୍ଦର ଦେ ଓ ମୋରଡ଼ା ନିର୍ବାଚନ ମଣ୍ଡଳୀର ସଂଯୋଜକ ବିଶ୍ୱବିଜୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଭ୍ରଷ୍ଟାଚାର ମୁକ୍ତ, ସ୍ୱଚ୍ଛ ଓ ଦକ୍ଷ ରାଜନୈତିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ଏଏପିର ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଇଲେକ୍ଟ୍ରୀ ଆଦି ଅତ୍ୟାବଶ୍ୟକୀୟ ସେବା ଗୁଡ଼ିକ ରାଜ୍ୟର ଉପାନ୍ତ ଅଞ୍ଚଳରେ ରହୁଥିବା ଗରିବ ଶ୍ରେଣୀର ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ମାତ୍ର ଉଭୟ ଦଳ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଆଣିଥିଲେ। ଏଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ନିରବତାକୁ ନେଇ ପ୍ରଶ୍ନ କରିଛି ଆମ ଆଦମୀ ପାର୍ଟି । ସେହିପରି ଦୁର୍ନୀତିଗ୍ରସ୍ତ ରାଜନେତା ଓ ରାଜନୈତିକ ଦଳକୁ ହଟାଇ ସ୍ୱଚ୍ଛ, ନିଷ୍ଠାପର ଶାସନର ଯୁକ୍ତାତ୍ମକ ପ୍ରଭାବ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ।

# ଔପଦା ଆଞ୍ଚଳିକ ବ୍ରାହ୍ମଣ ସମିତି ବୈଠକ

**ଔପଦା,୩୦।୯**

ଔପଦା ବ୍ଲକ ତଳକିଆ ପଞ୍ଚାୟତର ଗାଁପୁର ଶାସନ ସ୍ଥିତ ସିଦ୍ଧିପୀଠ ବାନପ୍ରସ୍ଥ ଆଶ୍ରମ ପରିସରରେ ୧୪ତମ ବ୍ରହ୍ମ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୈତାରୀ ପାଢ଼ୀଙ୍କ ଆହ୍ୱାନ କ୍ରମେ ସଭାପତି ହରିହର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୁଦ୍ଧିରାମ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ବିଭିନ୍ନ ଅଞ୍ଚଳର ପଣ୍ଡିତମାନଙ୍କୁ ନେଇ ଶାସ୍ତ୍ରୀୟ ମତ ନ ଥାଇ ପ୍ରଚଳିତ ପ୍ରଥାକୁ ନେଇ ବ୍ରାହ୍ମଣ ସମାଜର ବିଭିନ୍ନ କର୍ମକାଣ୍ଡ ଓ ବିଧେୟକ ସମ୍ପର୍କରେ କୋଡ଼ିଏଟି ମତ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ରାହ୍ମଣମାନଙ୍କର ଦୂରାବସ୍ଥାକୁ ସରକାରଙ୍କ ପାଖରେ ପହଞ୍ଚାଇବାକୁ ମତ ପ୍ରକାଶ ପାଇଥିଲା। ସଂଗଠନକୁ ସୁଦୃଢ଼ କରିବା ଏବଂ ଆଗାମୀ ବାର୍ଷିକ ଉତ୍ସବ ବଡ଼ପୋଖରୀ ପଞ୍ଚାୟତରେ ହେବାକୁ ସ୍ଥିର ହୋଇଥିଲା। ଏହି ସମ୍ମିଳନୀରେ ମୁକ୍ତିକାନ୍ତ ପାଢ଼ୀ, ଦୈତାରୀ ପାଢ଼ୀ, ମୃତ୍ୟୁଞ୍ଜୟ ପଣ୍ଡା, ଲକ୍ଷ୍ମଣ ଦାଶ, ବାବୁଲି ଶତପଥୀ, ଜୟନ୍ତ ପଣ୍ଡା, ଶଶିକାନ୍ତ ପଣ୍ଡା, ଜ୍ୟୋତିପ୍ରକାଶ କର, ଗୌତମ ପଣ୍ଡା, ଅରୁଣ କରଙ୍କ ସମେତ ବହୁ ପଣ୍ଡିତ ଉପସ୍ଥିତ ଥିଲେ।

ANNEXURE - I

**BOARD OF REVENUE, ODISHA, CUTTACK**

No. IV-E-23/2022/4190/Estt. Dated: 21.09.2022

**TENDER CALL NOTICE**

Board of Revenue, Odisha, Cuttack intends to engage 12 (Twelve) numbers of peons in respect of Revisional Courts under the Board of Revenue, Odisha, Cuttack on contractual basis through registered manpower service providers. Tenders are invited from intending Manpower service providers for the purpose.

2. The last date of receiving tender is on 20.10.2022 at 5 P.M. and opening of the same is on 21.10.2022 at 12 Noon.

For details please visit official website "bor.ori.nic.in".

By Orders of Secretary
Board of Revenue, Odisha, Cuttack

**TPWODL**
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint Venture)
Corporate Office:Burla, Dist.Sambalpur (Odisha) - 768017

**Corrigendum to Notice Inviting Tender (NIIT)**

Tender Notice No.TPWODL/MK/O/SITC/094 Date:22.09.2022

**Purchase Order for Supply and Installation of 11 KV Indoor Switchgear Panel**

The time period is hereby extended for Submission of Tender Participation Fee and Authorization Letter through e-mail till 21st Oct. 2022, 1500 Hrs. after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd./- Chief-Contracts and Stores

**PARADIP PORT AUTHORITY**
FILE NO.CMO/OE/A/GL-375/2022/1264
DATE : 23.09.2022

**e-TENDER CALL NOTICE**

E-tenders are invited on behalf of Paradip Port Authority for the work **"Providing Various Technical / High Skilled Health Workers for PPA Hospital for a period of two years". The Last date & time of submission of tender : 13.10.2022 up to 17:15 Hrs.** For details, please refer our Website: **http://eprocure.gov.in/eprocure/app .**

Chief Medical Officer
Paradip Port Authority

PPA/PR/200/22-23, Dt.30/09/22

**TPCODL**
TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**
NIT No: TPCODL/P&S/NIT/22-23/011

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee incl of GST (Rs)* | EMD (Rs. Lakh)** | Last date & time of payment of Tender Fee |
|---|---|---|---|---|---|
| 1 | Supply of Testing Equipments. | TPCODL/P&S/ 1000000291/2022-23 | 5,000/- | 0.50 | 10/10/2022, 17.00 Hrs. |
| 2 | Supply &Service of Auto-Recloser 11KV Outdoor. | TPCODL/P&S/ 1000000302/2022-23 | 5,000/- | 2.0 | 10/10/2022, 17.00 Hrs. |
| 3 | Supply of van mounted LT & HT Cable Fault Locator. | TPCODL/P&S/ 1000000300/2022-23 | 5,000/- | 1.0 | 10/10/2022, 17.00 Hrs. |
| 4 | Rate Contract for supply of Compact Sub Station. | TPCODL/P&S/ 1000000296/2022-23 | 5,000/- | 2.0 | 10/10/2022, 17.00 Hrs. |
| 5 | RC for supply of 20/25MVA Power Transformers. | TPCODL/P&S/ 1000000303/2022-23 | 5000/- | 4.0 | 10/10/2022, 17.00 Hrs. |
| 6 | Rate contract for Civil works in Store yard Development across TPCODL. | TPCODL/P&S/ 1000000301/2022-23 | 5000/- | 2.0 | 10/10/2022, 17.00 Hrs. |
| 7 | SITC of Feeder Remote Terminal Units (FRTUs) for 11KV Ring Main Units (RMUs) | TPCODL/P&S/ 1000000280/2022-23 | 5,000/- | 4.5 | 10/10/2022, 17.00 Hrs. |
| 8 | Supply of Bamboo Ladder | TPCODL/P&S/ 1000000299/2022-23 | 5,000/- | 0.50 | 10/10/2022, 17.00 Hrs. |
| 9 | Supply and Installation of Portable Steel Cabin | TPCODL/P&S/ 1000000298/2022-23 | 5,000/- | 0.50 | 10/10/2022, 17.00 Hrs. |
| 10 | Empanelment of vendors for SITC including design, survey & 5 years comprehensive maintenance of distributed grid-connected solar PV power plants for solarisation of grid connected individual pumps under KUSUM Scheme – Component C | TPCODL/P&S/ 1000000294 /2022-23 | 5,000/- | 10.00 | 10/10/2022, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଫୋନ ନଂ.:୦୬୭୪-୨୫୪୯୬୬୩, ୨୫୪୯୬୭୧, ଫାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ୍ ଆଇଡି.: sbi.05174@sbi.co.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର /ଅସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ସରଫେଶୀ ଆକ୍ଟର ୨୦୦୨ଧାରା ୧୩(୪) ଅନୁସାରେ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟ କରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୯.୧୦.୨୦୨୨ ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ଯାହାର ନିୟମ ଓ ସର୍ତ୍ତାବଳି ନିମ୍ନରେ ପ୍ରଦତ୍ତ ।

**ଇ-ନିଲାମ ତାରିଖ ଓ ସମୟ: ତା.୧୯.୧୦.୨୦୨୨ ଅପରାହ୍ନ ୨.୦୦ଘଟିକା ଠାରୁ ୪.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ରାଶି ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ଗୁଡ଼ିକର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: (୧) ପଶାନ୍ତ କୁମାର ମହାପାତ୍ର (ଅଂଶୀଦାର), ମେସର୍ସ ଲକ୍ଷ୍ମୀ ନୃସିଂହ ବ୍ରିକ୍ ଇଣ୍ଡଷ୍ଟ୍ରି, ପିତା: ଦାମୋଦର ମହାପାତ୍ର, ସା: ହାଣ୍ଡିଘର, ପୋ: ତାରାତାରିଣୀ ହଲ, ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, (୨) ଶ୍ରୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା (ଅଂଶୀଦାର), ମେସର୍ସ ଲକ୍ଷ୍ମୀ ନୃସିଂହ ବ୍ରିକ୍ ଇଣ୍ଡଷ୍ଟ୍ରି, ପିତା: ନାରାୟଣ ପଣ୍ଡା, ସା: ଆଛୁଲି, ପୋ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | (୧) ପ୍ରଶାନ୍ତ କୁମାର ମହାପାତ୍ରଙ୍କ ନାମରେ ଥିବା ଚିମିନି ଅନ୍ତର୍ଭୁକ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଣୀଗାଁ, ଖାତା ନଂ.: ୬୯୬/୧୨୫, ପ୍ଲଟ୍ ନଂ.: ୬୮୩, କ୍ଷେତ୍ର: ଏକର ୦.୪୬୦ ଡିସିମିଲି, କିସମ: ଘରବାରି, ଏସ୍ଆରଓ/ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ (୨) ପ୍ରଶାନ୍ତ କୁମାର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଣୀଗାଁ, ଖାତା ନଂ.: ୬୯୬/୧୩୮, ପ୍ଲଟ୍ ନଂ.: ୬୮୪ ଏବଂ ୬୮୫, କ୍ଷେତ୍ର: ଯଥାକ୍ରମେ ଏକର ୦.୫୬୮ ଡିସିମିଲି ଏବଂ ଏକର ୦.୨୫୦ ଡିସିମିଲି, କିସମ: ଘରବାରି, ଏସ୍ଆରଓ/ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଏହି ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି | ତା. ୨୩.୦୯.୨୦୨୧ ସୁଦ୍ଧା ଟ. ୪୯,୬୬,୯୦୪/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୨୩.୦୯.୨୦୨୧ | ଟ.୨୮,୯୪,୦୦୦/- / ଟ.୨,୮୯,୪୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ପ୍ରଧାନ କନ୍‌ଷ୍ଟ୍ରକ୍ସନ, ସ୍ୱତ୍ୱାଧିକାରୀ: ଶ୍ରୀ ରଞ୍ଜନ କୁମାର ପ୍ରଧାନ, ପିତା: ଲଡୁ ପ୍ରଧାନ / ଜାମିନ୍‌ଦାର: ଶ୍ରୀମତୀ ମମତା ପ୍ରଧାନ, ସ୍ୱା: ଶ୍ରୀ ରଞ୍ଜନ କୁମାର ପ୍ରଧାନ, ଉଭୟଙ୍କ ଠିକଣା ପ୍ଲଟ୍ ନଂ.: ୨୫୨/୧୪୧୪, ଫରେଷ୍ଟ ଗେଟ୍ ରୋଡ୍, ମା' ସନ୍ତୋଷୀ ମନ୍ଦିର ନିକଟ, ପୋ/ଥାନା: ପାରାଳାଖେମୁଣ୍ଡି, ଜିଲ୍ଲା: ଗଜପତି, ପିନ୍-୭୬୧୨୦୦, ଓଡ଼ିଶା | ଶ୍ରୀମତୀ ମମତା ପ୍ରଧାନ, ସ୍ୱା: ଶ୍ରୀ ରଞ୍ଜନ କୁମାର ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମସ୍ୱାମୀପୁର, ସବ୍-ଡିଷ୍ଟ୍ରିକ୍ଟ: ପାରାଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡ଼ିଶା, ହାଲ୍ ଖାତା ନଂ.: ୯୨/୭୫୭, ପ୍ଲଟ୍ ନଂ.: ୨୫୨/୧୪୧୪, କ୍ଷେତ୍ର: ଏକର ୦.୦୧୮ ଡିସିମିଲି, କିସମ: ଘରବାରି | ତା. ୨୨.୦୮.୨୦୧୮ ସୁଦ୍ଧା ଟ. ୨୫,୮୪,୪୭୯/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୨୩.୦୮.୨୦୧୮ | ଟ.୩୨,୧୦,୦୦୦/- / ଟ.୩,୨୧,୦୦୦/- / ଟ.୫୦,୦୦୦/- |
| ୩. | ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଟ୍ରେଡ଼ିଂ କର୍ପୋରେସନ, ଅଂଶୀଦାର ୧: ଶ୍ରୀ ପ୍ରଦୀପ କୁମାର କାଣ୍ଡୋଇ, ପ୍ଲଟ୍ ନଂ.: ୨୦, ୟୁନିଟ୍-୯, ଆଚାର୍ଯ୍ୟବିହାର ଛକ, ଭୁବନେଶ୍ୱର-୭୫୧୦୨୨, ଓଡ଼ିଶା, ଅଂଶୀଦାର ୨: ଶ୍ରୀ ରୋହିତ କୁମାର କାଣ୍ଡୋଇ, ୩୧, ଗଣେଷ ଚନ୍ଦ୍ର ଆଭେନ୍ୟୁ, ରୁମ୍ ନଂ.: ୫ବି ଏବଂ ୫ସି, ୫ମ ମହଲା, କୋଲକାତା-୭୦୦୦୧୩, ପଶ୍ଚିମବଙ୍ଗ | ଶ୍ରୀ ରୋହିତ କୁମାର କାଣ୍ଡୋଇଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଞ୍ଚଗାଁ, ଏସ୍ଆରଓ: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଖାତା ନଂ.: ୪୬୯/୧୨୭୧ (ନୂଆ ଖାତା ନଂ.: ୪୬୯/୨୪୮୧), ପ୍ଲଟ୍ ନଂ.: ୧୭୧୧/୩୫୯୯, କ୍ଷେତ୍ର: ଏକର ୦.୦୫୫ ଡିସିମିଲି ଏବଂ ଖାତା ନଂ.: ୪୬୯/୧୧୯୨ (ନୂଆ ଖାତା ନଂ.: ୪୬୯/୨୪୮୧), ପ୍ଲଟ୍ ନଂ.: ୧୭୧୧/୩୫୨୨, କ୍ଷେତ୍ର: ଏକର ୦.୦୫୫ ଡିସିମିଲି | ତା. ୦୭.୦୫.୨୦୧୮ ସୁଦ୍ଧା ଟ. ୫୧,୮୬,୩୨୧.୩୫ + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୭.୦୫.୨୦୧୮ | ଟ.୯,୯୦,୦୦୦/- / ଟ.୯୯,୦୦୦/- / ଟ.୫୦,୦୦୦/- |
| ୪. | ଋଣଗ୍ରହୀତା: ମେସର୍ସ ବିଶ୍ୱକର୍ମା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ନିମାଇଁ ଚରଣ ପାତ୍ର, ପିତା: ଶ୍ରୀ ସିମାଞ୍ଚଳ ପାତ୍ର / ଜାମିନ୍‌ଦାର: ଶ୍ରୀ ସିମାଞ୍ଚଳ ପାତ୍ର, ପିତା: ଶ୍ରୀ ହରିହର ପାତ୍ର, ଉଭୟଙ୍କ ଠିକଣା ସା/ପୋ: ଖାଜିପଲ୍ଲୀ, ପୁରୁଷୋତ୍ତମପୁର, ଗଞ୍ଜାମ, ପିନ୍-୭୬୧୦୧୮, ଓଡ଼ିଶା | ସିମାଞ୍ଚଳ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖାଜିପଲ୍ଲୀ, ଖାତା ନଂ.: ୩୧୪, ପ୍ଲଟ୍ ନଂ.: ୬୯୪, କ୍ଷେତ୍ର: ଏକର ୦.୦୫୧ ଡିସିମିଲି, କିସମ: ଘରବାରି | ତା. ୧୨.୧୦.୨୦୨୧ ସୁଦ୍ଧା ଟ. ୨୩,୯୬,୮୩୮/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୧୨.୧୦.୨୦୨୧ | ଟ.୧୨,୪୫,୦୦୦/- / ଟ.୧,୨୪,୫୦୦/- / ଟ.୫୦,୦୦୦/- |
| ୫. | ଋଣଗ୍ରହୀତା: ଏସ୍ଆର୍ଏମ୍ ରିଟେଲ୍ ଏବଂ ହସ୍ପିଟାଲିଟୀ ସର୍ଭିସେସ ଲିଃ. / ନିର୍ଦ୍ଦେଶକ: ଶ୍ରୀ ବୃନ୍ଦାବନ ଶ୍ରୀଚନ୍ଦନ / ନିର୍ଦ୍ଦେଶକ ଏବଂ ଜାମିନ୍‌ଦାରମାନେ: (୧) ହିମାଂଶୁ ରାଉତରାୟ, ପିତା: ସଂଗ୍ରାମ କେଶରୀ ରାଉତରାୟ, (୨) ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ, ସ୍ୱା: ଉମାକାନ୍ତ ପ୍ରିୟଦର୍ଶୀ / କର୍ପୋରେଟ୍ ଜାମିନ୍‌ଦାର: ମେସର୍ସ ଏସ୍ଆର୍ଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ. / ଜାମିନ୍‌ଦାର: ଶ୍ରୀ ଦିପାଂଶୁ ଶେଖର ମହାନ୍ତି, ସମସ୍ତଙ୍କ ଠିକଣା ପ୍ଲଟ୍ ନଂ.: ୫୮, ୨ୟ ମହଲା, ବାପୁଜୀନଗର, ଭୁବନେଶ୍ୱର-୭୫୧୦୦୯, ଓଡ଼ିଶା | ଏସ୍ଆର୍ଏମ୍ ଆର୍କିଟେକ୍ଟର ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଲିଃ. ପରବର୍ତ୍ତୀ ସମୟରେ ଯାହାର ନାମ ଏସ୍ଆର୍ଏମ୍ ଗ୍ଲୋବାଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ. ଏବଂ ପୁନଃ ଯାହାର ନାମ ଏସ୍ଆର୍ଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ. ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଘୁନାଥପୁର, ତହସିଲ: ଭୁବନେଶ୍ୱର, ଖାତା ନଂ.: ୫୭୯, ପ୍ଲଟ୍ ନଂ.: ୩/୬୯୬, କ୍ଷେତ୍ର: ଏକର ୦.୦୯୫ ଡିସିମିଲି ଏବଂ ଖାତା ନଂ.: ୧୭୧/୧୦୩, ପ୍ଲଟ୍ ନଂ.: ୪/୩୩୬/୭୪୮, କ୍ଷେତ୍ର: ଏକର ୦.୦୧୬ ଡିସିମିଲି, କିସମ: ଘରବାରି | ତା. ୧୫.୦୧.୨୦୧୯ ସୁଦ୍ଧା ଟ. ୧,୨୫,୫୫,୩୬୨/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୧୧.୦୨.୨୦୧୯ | ଟ.୨,୯୯,୩୫,୦୦୦/- / ଟ.୨୯,୯୩,୫୦୦/- / ଟ.୧,୦୦,୦୦୦/- |
| ୬. | ଋଣଗ୍ରହୀତା: ମେସର୍ସ ଏଚ୍ଏମ୍ ଜୁଏଲର୍ସ ପ୍ରା. ଲିଃ., ପଞ୍ଜିକୃତ କାର୍ଯ୍ୟାଳୟ: ଓଲ୍ଡଟାଉନ, ହାଟସାହି, ଉମାଶଙ୍କର ଲେନ, ଭୁବନେଶ୍ୱର-୭୫୧୦୦୨, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଉମେଶ ଚନ୍ଦ୍ର ମହାରଣା, ପିତା: ଶ୍ରୀ ପ୍ରହ୍ଲାଦ ମହାରଣା, ନିର୍ଦ୍ଦେଶକ: ଶ୍ରୀମତୀ ପୂର୍ଣ୍ଣିମା ମହାରଣା, ସ୍ୱା: ଶ୍ରୀ ଉମେଶ ଚନ୍ଦ୍ର ମହାରଣା, ଉଭୟଙ୍କ ଠିକଣା ପ୍ଲଟ୍ ନଂ.: ୨/ଏ, ୨ୟ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହୀଦନଗର, ଭୁବନେଶ୍ୱର-୭୫୧୦୦୭ | ଶ୍ରୀମତୀ ପୂର୍ଣ୍ଣିମା ମହାରଣାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୨୮, ଗୌତମ ନଗର, ତହସିଲ: ଭୁବନେଶ୍ୱର ମ୍ୟୁନିସିପାଲିଟି, ଥାନା: ଲିଙ୍ଗରାଜ ଥାନା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୨୧୫୧/୨୨୫, ପ୍ଲଟ୍ ନଂ.: ୩୦୪୬, କ୍ଷେତ୍ର: ଏକର ୦.୦୫୨ ଡିସିମିଲି | ତା. ୩୧.୦୩.୨୦୨୧ ସୁଦ୍ଧା ଟ. ୮,୦୫,୫୧,୯୦୩.୭୮ + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୧.୦୩.୨୦୧୮ | ଟ.୭୫,୦୯,୦୦୦/- / ଟ.୭,୫୦,୯୦୦/- / ଟ.୧,୦୦,୦୦୦/- |

ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୧୭.୧୦.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ଏହି ବିକ୍ରୟ ନୋଟିସ୍ ଟି ସିକ୍ୟୁରିଟି ଇଣ୍ଟରେଷ୍ଟ - (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ ର ୮ (୬) ଏବଂ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

**ଗାଡ଼ି ବିକ୍ରୟ ବିଜ୍ଞପ୍ତି**

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ବକେୟା | ଗାଡ଼ିର ପ୍ରକାର / ମଡେଲ | ରେଜିଷ୍ଟ୍ରେସନ୍ ନଂ. | ଚେସିସ୍ ନଂ. | ଇଞ୍ଜିନ୍ ନଂ. | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟ.) | ଇଏମ୍‌ଡି / ବର୍ଦ୍ଧିତ ବିଡ୍ (ଟ.) | ୟାର୍ଡର ଠିକଣା |
|---|---|---|---|---|---|---|---|---|
| ଶ୍ରୀ କୃଷ୍ଣ ବିଶ୍ୱାଳ, ପିତା: ଶଙ୍କର ବିଶ୍ୱାଳ, ପ୍ଲଟ୍ ନଂ.: ୫୮, ଗଙ୍ଗୋତ୍ରୀ ନଗର, ରୋଡ୍ ନଂ. ୩, ଶିଶୁପାଳଗଡ଼, ଭୁବନେଶ୍ୱର /ତା.୧୧.୧୨.୨୦୧୭ ରିଖ ସୁଦ୍ଧା ଟ.୩୫,୯୦,୫୨୮.୧୩ | ବୁଲ୍ ସ୍ମାର୍ଟ ଫ୍ରଣ୍ଟ ଏଣ୍ଡ୍ ଲୋଡର | OD-33F-8058 | BSLAF000519 | T424051520038 | ୨୦୧୬ | ୬,୫୦,୦୦୦/- | ୬୫,୦୦୦/- / ୨୫,୦୦୦/- | ମଙ୍ଗରାଜ ଷ୍ଟକ୍‌ୟାର୍ଡ, ତାଳଖାଇ ମନ୍ଦିର ଛକ ନିକଟ, ଝାରପଡ଼ା, ଭୁବନେଶ୍ୱର |

ପ୍ରଦତ୍ତ ନିୟମାବଳୀ ଅନୁଯାୟି ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଗାଡ଼ିର କ୍ରେତାଙ୍କ ଠାରୁ ଆଦାୟ କରାଯିବ ।

ସବିଶେଷ ବିବରଣୀ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପାଇଁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ର ୱେବସାଇଟ୍
Website : www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫
ସିସିଓ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ, ମୋ.: ୮୮୦୦୯୦୧୦୦୫, ପ୍ରବନ୍ଧକ: ଶ୍ରୀ ସନ୍ତୋଷ କୁମାର ନାଏକ, ମୋ.: ୮୦୧୮୭୬୪୨୯୧

ସ୍ଥାନ : ଭୁବନେଶ୍ୱର
ତାରିଖ : ୩୦.୦୯.୨୦୨୨

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

